## ଆଜି କ'ଣ କେଉଁଠି

**ଆସିକା**

- ଜୋନାଲସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା। ସ୍ଥାନ-ଟେକ୍ନିକାଲ ହାଇସ୍କୁଲ ଖେଳପଡ଼ିଆ। ସମୟ-ସକାଳ ୮ଟା।

## ସଂକ୍ଷେପରେ

### କାନଫୁଲ ଲୁଟ୍ ଅଭିଯୋଗରେ ଯୁବକ ଗିରଫ

ବ୍ରହ୍ମପୁର,୨୧।୯(ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ପୋଲିସ ଜଣେ ମହିଳାଙ୍କ ସୁନା କାନଫୁଲ ଲୁଟ୍ ଅଭିଯୋଗରେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ଦୁର୍ବନ୍ଧ ଗ୍ରାମର ନାରାୟଣ ସାହୁ। ନରାୟଣଙ୍କ ବାଇକ୍ ସହ ସେ ଲୁଟ କରିଥିବା କାନଫୁଲକୁ ପୋଲିସ ଜବତ କରିଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ବୁଧବାର ବାଉଁସିଆପଲି ନିକଟ ନୂଆ ରାମଚନ୍ଦ୍ରପୁର ଗ୍ରାମର ତନୁ ଦାସ କୌଣସି କାମରେ କୁକୁଡ଼ାଖଣ୍ଡି ଯାଇଥିଲେ। ଅପରାହ୍ନରେ ସେ ଚାଲି ଚାଲି ଘରକୁ ଫେରିବା ବେଳେ ଗାଁ କେନାଲ ଶଙ୍ଖ ନିକଟରେ ନାରାୟଣ ତାଙ୍କୁ ଅଟକାଇଥିଲେ। ତନୁ ଏହାର ପ୍ରତିବାଦ କରିବାରୁ ସେ ଧକ୍କା ଦେଇ ତାଙ୍କ କାନ ଫୁଲ ଝାମ୍ପିନେଇଥିଲେ। ତନୁ ଚିତ୍କାର କରିବାରୁ ଗାଁ ଲୋକଙ୍କ ହାତରେ ଧରା ପଡ଼ିଯିବା ପରେ ନାରାୟଣ ନିଜ ବାଇକ୍ ଛାଡ଼ି ସେଠାରୁ ଚମ୍ପଟ ମାରିଥିଲେ। ଏନେଇ ଥାନାରେ ତନୁ ଅଭିଯୋଗ କରିବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାରାୟଣଙ୍କ ବାଇକ (ଓଡ଼ି ୦୭ ଏସ-୧୨୩୦)କୁ ଜବତ କରିଥିଲା। ବାଇକ ନମ୍ବର ଯାଞ୍ଚ କରି ପୋଲିସ ନାରାୟଣଙ୍କୁ ଗୁରୁବାର ତାଙ୍କ ଘରୁ ଗିରଫ କରିଥିଲା।

### ଗଞ୍ଜାମରେ ୮୭ ଜଣ ଡେଙ୍ଗୁରେ ଆକ୍ରାନ୍ତ

ବ୍ରହ୍ମପୁର,୨୧।୯(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା କମୁନି। ଏବେ ଜିଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୮୭ରେ ପହଞ୍ଚିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡ଼ିଛି। ଯେଉଁ ସ୍ଥାନରୁ ଡେଙ୍ଗୁ ଚିହ୍ନଟ ହେଉଛନ୍ତି, ସେଠାକୁ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଯାଇ ଲୋକଙ୍କୁ ସଚେତନ କରୁଛି। ୮୭ଜଣଙ୍କ ମଧ୍ୟରୁ ୫୭ ଜଣ ଅନ୍ୟ ରାଜ୍ୟ ଓ ଜିଲାରୁ ଆସିଛନ୍ତି। ସେଥିରୁ ୨୦ ଜଣ ଭୁବନେଶ୍ୱର ଓ କଟକରୁ ଆସିଛନ୍ତି। ଭୁବନେଶ୍ୱରରେ ବର୍ତ୍ତମାନ ଡେଙ୍ଗୁ ସ୍ଥିତି ଉଦବେଗଜନକ ରହିଛି। ସେଠାରୁ ଆକ୍ରାନ୍ତ ହୋଇ ରୋଗୀ ଗଞ୍ଜାମ ଜିଲାକୁ ଆସି ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ପାଇଁ ଏମକେସିଜି କାଜୁଆଲଟିରେ ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ଼ ଖୋଲାଯାଇଛି।

### ଧର୍ମ ପରାୟଣା ମହିଳାଙ୍କ ପରଲୋକ

ଧରାକୋଟ,୨୧।୯(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ବଡ଼ଦାଣ୍ଡ ସାହିସ୍ଥିତ ସ୍ୱର୍ଗତ ନାରାୟଣ ପଣ୍ଡାଙ୍କ ସ୍ତ୍ରୀ ମନୋରମା ପଣ୍ଡା(୮୨)ଙ୍କ ପରଲୋକ ଘଟିଛି। ସେ



ଜଣେ ଧର୍ମ ପରାୟଣା ଓ ପରୋପକାରୀ ଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ବିଭିନ୍ନ ଧର୍ମାନୁଷ୍ଠାନ ସହିତ ଜଡ଼ିତ ଥିଲେ। ତାଙ୍କ ଅନ୍ତିମ ଶଯ୍ୟା ନିକଟରେ ବଡ଼ପୁଅ ବିଜୟ ପଣ୍ଡା, ସାନପୁଅ ଗୋପାଳ ପଣ୍ଡା ଦୁଇ ବୋହୂ, ଝିଅ, ଜ୍ୱାଇଁ ଓ ନାତିନାତୁଣୀ ଏବଂ ବନ୍ଧୁ ବର୍ଗ ଉପସ୍ଥିତ ଥିଲେ।

### ବାକ୍ସରୁ ଟଙ୍କା ଗାଏବ
#### ପଡ଼ୋଶୀଙ୍କ ବିରୋଧରେ ଏତଲା

ବ୍ରହ୍ମପୁର,୨୧।୯ (ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ମହିଳା ତାଙ୍କ ପଡୋଶୀଙ୍କ ଘରେ ଏକ ଟଙ୍କା ବାକ୍ସ ରଖି କିଛିଦିନ ପାଇଁ ବାହାରକୁ ଯାଇଥିଲେ। ସମ୍ପୃକ୍ତ ପଡୋଶୀ ବାକ୍ସରୁ ଟଙ୍କା ଗାଏବ କରି ଦେଇଥିବା ବଡ଼ ବଜାର ଥାନା ଅନ୍ତର୍ଗତ ଅଟୋନଗର ପ୍ରଥମ ଲାଇନର ସଞ୍ଜୁ ସାହୁ ଥାନାରେ ଏତଲା ଦେଇଛନ୍ତି। ସଞ୍ଜୁ ତାଙ୍କ ଝିଅ ଘରେ ଗତ ୪ମାସ ହେବ ରହୁଛନ୍ତି। ଝିଅ ଘର ସମ୍ମୁଖରେ ରହୁଥିବା ଜଣେ ପଡୋଶୀଙ୍କ ସହ ତାଙ୍କର ପରିଚିତ ହେଲା। ହେଲେ ପଡୋଶୀ ଧୋକା ଦେବେ ବୋଲି ଜାଣି ନଥିଲେ। ସଞ୍ଜୁ ୭୦ ହଜାର ଟଙ୍କା ଏକ କାଠ ବାକ୍ସରେ ରଖି ତାହାକୁ ପଡୋଶୀଙ୍କ ଜିମା ଦେଇ କିଛିଦିନ ପାଇଁ ବାହାରକୁ ଯାଇଥିଲେ। ବାହାରୁ ଆସି କାଠ ବାକ୍ସ ପଡୋଶୀଙ୍କ ଘରୁ ଆଣି ଦେଖିଲା ବେଳକୁ ସେଥିରେ ଟଙ୍କା ନ ଥିଲା। ଏ ନେଇ ପଡୋଶୀଙ୍କୁ ପଚାରିବାରୁ ସେ ଯୁକ୍ତିତର୍କ କରିବା ସହ ମାରିବାକୁ ଧମକ ଦେଲେ। ଏ ନେଇ ଅଭିଯୋଗକ୍ରମେ ପୋଲିସ ୩୪୪/୨୩ରେ ମାମଲା ରୁଜୁ କରି ପଡୋଶୀଙ୍କୁ ପଚରାଉଚରା ଚଳାଇଛି।

# ପୋଖରୀ ତୁଠରେ ପଡ଼ିରହିଲେ ବିଶ୍ୱକର୍ମା, ଗଜାନନ

ବ୍ରହ୍ମପୁର,୨୧।୯(ସ୍ମୃତି ରଞ୍ଜନ ମହାଲିକ)

ପାର୍ବଣ ସମୟରେ ଜଳାଶୟକୁ ସ୍ୱଚ୍ଛ ରଖିବା ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବର୍ତ୍ତମାନ ୩ଟି ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଛି। ଏଥିମଧ୍ୟରୁ ୧୨ନଂ ୱାର୍ଡ ଅନ୍ତର୍ଗତ ଅନ୍ଧପସରା ରୋଡ, ୪ନଂ ୱାର୍ଡସ୍ଥିତ ଫାଷ୍ଟ ଗେଟ ଓ ୨୮ ନଂ ୱାର୍ଡ ନେହେରୁ ନଗରଠାରେ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଥିବା ବିଏମସି ନିର୍ବାହୀ ଯନ୍ତ୍ରୀ ଏମ ନାଗେଶ୍ୱର ସୁବୁଦ୍ଧି ସୂଚନା ଦେଇଛନ୍ତି। ଏହି ଅସ୍ଥାୟୀ ପୋଖରୀରେ ପଲିଥିନରେ ପାଣି ପକାଯାଇ ବ୍ଲିଚିଂ ପକାଯାଇଛି। ଅସ୍ଥାୟୀ ପୋଖରୀ ନିକଟରେ ଏକ ଡ୍ରେଜର ରହିଛି। ଯାହା ମାଧ୍ୟମରେ ମୂର୍ତ୍ତିଗୁଡ଼ିକୁ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଛି। ସହରର ସମସ୍ତ ପୂଜା ମଣ୍ଡପର ମୂର୍ତ୍ତି ଏହି ଅସ୍ଥାୟୀ ପୋଖରୀରେ ବିସର୍ଜନ କରିବା ପାଇଁ ବିଏମସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦିନରେ ଅସ୍ଥାୟୀ ପୋଖରୀ ସଂଖ୍ୟା ବୃଦ୍ଧି



ପୋଖରୀ ତୁଠରେ ପଡି ରହିଥିବା ମୂର୍ତ୍ତି।

କରାଯିବ ବୋଲି କୁହାଯାଇଛି। ବିଶ୍ୱକର୍ମା ଓ ଗଣେଶ ପୂଜା ସରିଥିବା ବେଳେ ମୂର୍ତ୍ତି ବିସର୍ଜନ ପାଇଁ ବିଏମସି ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଅସ୍ଥାୟୀ ପୋଖରୀ ବ୍ୟତୀତ ଜଳାଶୟରେ କେହି ମୂର୍ତ୍ତି ବିସର୍ଜନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ବିଏମସି ପକ୍ଷରୁ କୁହାଯାଇଥିଲା। କିନ୍ତୁ ଅସ୍ଥାୟୀ ପୋଖରୀ ପରିବର୍ତ୍ତେ ସହରର ବିଭିନ୍ନ ଜଳାଶୟରେ ଗୁରୁବାରଠାରୁ ବହୁ ଗଣେଶ ଓ ବିଶ୍ୱକର୍ମା ମୂର୍ତ୍ତି ବିସର୍ଜନ କରାଯାଇଛି। ସହର ବିଜିପୁର ପୋଖରୀରେ ବହୁ ଛୋଟ ମୂର୍ତ୍ତି ବିସର୍ଜନ ହୋଇଥିବା ବେଳେ ପୂଜା ସାମଗ୍ରୀ ମଧ୍ୟ ପୋଖରୀରେ ଭାସୁଛି। ପୋଖରୀ ସଫେଇ ଦିଗରେ ବିଏମସି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା କାରଣରୁ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ପୋଖରୀ ତୁଠ ନିକଟରେ ଗଣେଶ ଓ ବିଶ୍ୱକର୍ମାଙ୍କ ବହୁ ମୂର୍ତ୍ତି ପଡି ରହିଛି। ବିଏମସି ପକ୍ଷରୁ ମଧ୍ୟ ପଡି ରହିଥିବା ମୂର୍ତ୍ତି ଗୁଡ଼ିକୁ ଅସ୍ଥାୟ ପୋଖରୀରେ ବିସର୍ଜନ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ସୂଚନା ଥାଉ କି, ଗତ ବର୍ଷ ସହରର ବିଭିନ୍ନ ସାହିରେ ରହିଥିବା ପୋଖରୀ ତୁଠରେ ଏସଏଚଜି ମହିଳାଙ୍କୁ ନିୟୋଜିତ କରାଯାଇଥିଲା। ଯେଉଁମାନେ ପୋଖରୀ ତୁଠରେ ମୂର୍ତ୍ତି ବିସର୍ଜନ ବାରଣ କରିବା ଦାୟିତ୍ୱରେ ରହିଥିଲେ। ଏହାପରେ ଯେଉଁମାନେ ପୋଖରୀକୁ ମୂର୍ତ୍ତି ବିସର୍ଜନ ପାଇଁ ଆଣୁଥିଲେ ମୂର୍ତ୍ତି ଗୁଡ଼ିକ ପୋଖରୀ ତୁଠରେ ରଖାଯାଉଥିଲା। ଏହାପରେ ସେଗୁଡ଼ିକୁ ବିଏମସି ପକ୍ଷରୁ ଟ୍ରାକ୍ଟର ମାଧ୍ୟମରେ ଅସ୍ଥାୟୀ ପୋଖରୀକୁ ନେଇ ବିସର୍ଜନ କରାଯାଉଥିଲା। କିନ୍ତୁ ଚଳିତ ବର୍ଷ ସେଭଳି କିଛି ପଦକ୍ଷେପ ଗ୍ରହଣ କରାଯାଇନି। ବିଜିପୁର ଭଳି ବହୁ ପୋଖରୀ ତୁଠରେ ଗଣେଶ ଓ ବିଶ୍ୱକର୍ମା ମୂର୍ତ୍ତି ଗୁଡ଼ିକ ପଡି ରହିଥିବା ଦେଖିବାକୁ ମିଳିଛି। ଯାହାକି ଭକ୍ତଙ୍କ ଭାବାବେଗକୁ ଆଘାତ ପହଞ୍ଚାଇବ ବୋଲି ମତ ପ୍ରକାଶ ପାଇଛି।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com



@ ପ୍ରସନ୍ନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା

ପାରଳାଖେମୁଣ୍ଡି,୨୧।୯ (ଗିରିଧାରୀ ପରିଛା):

ସ୍ଥାନୀୟ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଗଜପତି ଜିଲାସ୍ତରୀୟ ଲୋକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମନୋଜ ରଞ୍ଜନ ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲା ବିଜ୍ଞାନ ନୀରିକ୍ଷକ ଆମ୍ପୋଲୁ ରବି କୁମାର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସଙ୍ଗେ ସଙ୍ଗେ ଲୋକନୃତ୍ୟର ନିୟମାବଳୀର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଲୋକ ନୃତ୍ୟ ଯେକୌଣସି ଦେଶର ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। କାରଣ ଏହା ଲୋକଙ୍କ ପିତୃପୁରୁଷଙ୍କୁ ପ୍ରତିଫଳିତ କରିଥାଏ। ମଞ୍ଚ ନିର୍ଦ୍ଦେଶକ ତଥା ନାଟ୍ୟକାର ମନୋଜ ପାଢ଼ୀ ଓ ମଞ୍ଚ କଳାକାର ତଥା ନୃତ୍ୟ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କଳାକାରମାନେ।

ନିର୍ଦ୍ଦେଶକ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ବିଚାରକ ରୂପେ ଯୋଗ ଦେଇଥିଲେ। ପ୍ରତି ବ୍ଲକରୁ ମନୋନୀତ ହୋଇଥିବା ଛାତ୍ରମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ସରକାରୀ ଉଚ୍ଚ ବିଦ୍ୟାଳୟ, ରାୟଗଡ଼ା ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟ, କେ. ଏମ ଭାଲିଆ ସାହି ଦ୍ୱିତୀୟ, ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି ଏବଂ ଲକ୍ଷ୍ମୀନୃସିଂହ ବିଦ୍ୟାପୀଠ, ନୂଆଗଡ ଉଭୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେଥିରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ସ୍ଥାନୀୟ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସୁଲତା ଶୁଭଦର୍ଶିନୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଏନ. ଜଗଦୀଶ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ହିଲପାଟଣା ସିଦ୍ଧ ବିନାୟକଙ୍କ ନଗର ଭ୍ରମଣ

ବ୍ରହ୍ମପୁର,୨୧।୯ (ନରସିଂହ ସାହୁ)

ବ୍ରହ୍ମପୁର ହିଲପାଟଣାସ୍ଥ ସିଦ୍ଧ ବିନାୟକ ପୀଠରେ ଚାଲିଥିବା ଗଣନାଥଙ୍କ ୪ ଦିନିଆ ପୂଜା ମହୋତ୍ସବ ସମାପନ ଓ ଯଜ୍ଞ ପୂର୍ଣ୍ଣାହୁତି ଗୁରୁବାର ହୋଇଛି। ଅନ୍ତିମ ଦିବସରେ ଶତାଧିକ ମହିଳା, ପୁରୁଷ ଓ ଛାତ୍ରୀଛାତ୍ର ମନ୍ଦିରରେ ଠାକୁରଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ପାରମ୍ପରିକ ରୀତି, ନୀତି ପ୍ରକାରେ ସିଦ୍ଧ ବିନାୟକ ନଗର ଭ୍ରମଣ ସନ୍ଧ୍ୟାରେ ଆରମ୍ଭ ହୋଇଥିଲା। ହିଲପାଟଣାର ସବୁସାହି, ଗୋପବନ୍ଧୁ ନଗର ସମେତ ରେଲଷ୍ଟେଶନ ଅଞ୍ଚଳରେ ଠାକୁରଙ୍କୁ ଭ୍ରମଣ କରାଯାଇଥିଲା। ଘଣ୍ଟ, ତାଳ ଓ ବାଦ୍ୟ ବାଜଣାରେ ଅଞ୍ଚଳ କମ୍ପିଥିଲା। ସାହିବାସିନ୍ଦାମାନେ ଦାଣ୍ଡ ଦୁଆରେ ପୂଜାର୍ଚ୍ଚନା କରିଥିଲେ। ବିଳମ୍ବିତ ରାତ୍ର ଯାଏଁ ଚାଲିଥିବା ଏହି କାର୍ଯ୍ୟକ୍ରମରେ ସହସ୍ରାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

### ସାଳିଆପତନି ଜବତ, ୩ ଗିରଫ

ଦିଗପହଣ୍ଡି,୨୧।୯(ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ବନ ବିଭାଗ ଗୁରୁବାର ପାଟପୁର ଥାନା ସାନଖେମୁଣ୍ଡି ବ୍ଲକ ବ୍ରାହ୍ମଣପଙ୍କ ଗ୍ରାମର ପ୍ରକାଶ ମଲ୍ଲିକ,ବିନୋଦ ମଲ୍ଲିକ ଏବଂ କୁନା ନାୟକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ବୁଧବାର ରାତିରେ ୩ ଅଭିଯୁକ୍ତ ଏକ ବାଇକ୍ ଯୋଗେ ଭୀଷ୍ମଗିରି ନିକଟ ସହଦେବ ଟିକରପଡ଼ା ଗ୍ରାମ ଜଙ୍ଗଲରୁ ଧରିଥିବା ସାଳିଆପତନିକୁ ଧରି ଚିକିଟି ଅଭିମୁଖେ ଯାଉଥିଲେ। ବ୍ରହ୍ମପୁର ବନଖଣ୍ଡ ଦିଗପହଣ୍ଡି ବନାଞ୍ଚଳ ଚିକିଟି ସେକ୍ସନ ଜକର ବିଟ୍‌ର ଜକର ଗ୍ରାମ ନିକଟରେ ବନବିଭାଗ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ସେମାନଙ୍କଠାରୁ ପ୍ରାଣୀଟିକୁ ଉଦ୍ଧାର କରିଥିଲେ। ୩ ଅଭିଯୁକ୍ତଙ୍କୁ ଗିରଫ କରି ଦିଗପହଣ୍ଡି ବନ ବିଭାଗ ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ। ସହଦେବ ଟିକରପଡ଼ା ହାଇସ୍କୁଲର ଜଣେ ଶିକ୍ଷକ ଏହି ସାଳିଆ ପତନି ଚୋରା ଚାଲାଣର ମାଷ୍ଟର ମାଇଣ୍ଡ ବୋଲି ଚର୍ଚ୍ଚା ହେଉଛି। ଏ ନେଇ ବନ ବିଭାଗ ମାମଲା ନଂ.୧୩୦/୨୩-୨୪ ମାମଲା ରୁଜୁ ହୋଇଛି।

# କୁକୁଡ଼ା ଫାର୍ମ ପାଇଁ ଜମି ନ ଦେବାରୁ ଯୁବକଙ୍କୁ ହତ୍ୟା

ଶେରଗଡ,୨୧।୯(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ବ୍ଲକ ଲକ୍ଷ୍ମୀନୃସିଂହପୁରରେ ଗୁରୁବାର ଭୋରରୁ ଏକ ହତ୍ୟାକାଣ୍ଡ ଘଟିଛି। ତେବେ କୁକୁଡ଼ା ଫାର୍ମ ପାଇଁ ଜମି ନ ଦେବାରୁ ଏହି ହତ୍ୟାକାଣ୍ଡ ହୋଇଥିବା ଜଣାପଡ଼ିଛି। ଏଥିରେ ଶିକାର ହୋଇଛନ୍ତି ସୂର୍ଯ୍ୟ ଗୌଡ଼। ପ୍ରକାଶ ଯେ, ଗୁରୁବାର ଭୋର ସମୟରେ ସୂର୍ଯ୍ୟ ନିକଟସ୍ଥ ପାହାଡ଼ ନିକଟକୁ ଶୌଚ ହେବାକୁ ଯାଇଥିଲେ। ନିକଟରେ ଥିବା ଏକ କୁକୁଡ଼ା ଫାର୍ମରେ ଲୁଚି ରହିଥିବା କେତେକ ଯୁବକଙ୍କ ସହିତ ସୂର୍ଯ୍ୟଙ୍କ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସେମାନେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ସୂର୍ଯ୍ୟଙ୍କ ମୃତ୍ୟୁ ହୋଇଥିଲା। ତେବେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୂର୍ଯ୍ୟଙ୍କୁ ଗ୍ରାମର ଲୋକେ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

ଆସିକା ଏସଡିପିଓ ଉମାଶଙ୍କର ସିଂ, ଶେରଗଡ ଦାୟିତ୍ୱରେ ଥିବା ପାଟପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସୂର୍ଯ୍ୟଙ୍କ ମା' ଝୁନୁ ଶେରଗଡ ଥାନାରେ ଏତାଲା ଦେବା ପରେ ପୋଲିସ ମୃତଦେହ ଜବତ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଶେରଗଡର ପିଣ୍ଟୁ ଗୌଡ ଓ ତା'ର ସହଯୋଗୀମାନେ ସୂର୍ଯ୍ୟଙ୍କୁ ହତ୍ୟା କରିଛନ୍ତି ବୋଲି ଝୁନୁ ଗୌଡ଼ ଏତଲାରେ ଦର୍ଶାଇଥିଲେ। ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ଯେ ଏକ କୁକୁଡ଼ା ଫାର୍ମ ପାଇଁ ଜାଗା ନ ଦେବାରୁ ଏହି ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତ ପିଣ୍ଟୁ ଗୌଡଙ୍କ ସମେତ ୪ ଜଣଙ୍କୁ ଚିହ୍ନଟ କରିଛି। ସୂଚନାଯୋଗ୍ୟ, ଲକ୍ଷ୍ମୀନୃସିଂହପୁରରେ ଶେରଗଡର ପିଣ୍ଟୁ ଗୌଡ ଏକ କୁକୁଡ଼ା ଫାର୍ମ କରିଥିଲେ। ସେହି ଫାର୍ମକୁ ଲାଗି ସୂର୍ଯ୍ୟଙ୍କର ଜମି ଥିଲା। ସେହି ଜମିକୁ ପିଣ୍ଟୁ ନେବାକୁ ବହୁ ଦିନ ଆଗରୁ ସୂର୍ଯ୍ୟଙ୍କୁ କହୁଥିଲେ। ହେଲେ ସୂର୍ଯ୍ୟ ଦେବାକୁ ମନା କରିଦେଇଥିଲେ। ଉକ୍ତ କଥା ନେଇ ଦୁଇଜଣ ଶେରଗଡ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ପୋଲିସ ବୁଝାସୁଝା କରି ଛାଡି ଦେଇଥିଲା। ପିଣ୍ଟୁର ପରିବାର ଓ ସୂର୍ଯ୍ୟର ପରିବାର ମଧ୍ୟରେ ପୂର୍ବରୁ କିଛି କଥାକୁ ନେଇ ତିକ୍ତତା ଲାଗି ରହିଥିଲା, ଯାହାର ପରିଣତି ସ୍ୱରୂପ ଏହି ହତ୍ୟାକାଣ୍ଡ ଘଟିଛି। ପିଣ୍ଟୁ ଓ ସୂର୍ଯ୍ୟଙ୍କ ମଧ୍ୟରେ ବଚସା ପରେ ସମସ୍ତେ ମିଶି ସୂର୍ଯ୍ୟଙ୍କୁ ହତ୍ୟା କରିଥିଲେ ବୋଲି ଥାନା ଏସଆଇ ସତ୍ୟଜିତ ବେଣିଆ କହିଛନ୍ତି। ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଏସଡିପିଓ ଉମାଶଙ୍କର ସିଂ କହିଛନ୍ତି।

# ବେଗୁନିଆପଡ଼ାରେ କଳାକାର ତାଲିମ କର୍ମଶାଳା

କୋଦଳା,୨୧।୯(ଅମିତ କୁମାର ପଟ୍ଟନାୟକ):

ବେଗୁନିଆପଡ଼ା ବ୍ଲକ ପରିସରରେ ଜନସଚେତନତା ପାଇଁ କଳାକାରଙ୍କ ଦୁଇଦିନିଆ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଳାକାର ସଂଘ ଉପସଭାପତି ମହେଶ୍ୱର ବରାଡ଼ଙ୍କ ପରିଚାଳନାରେ ଅନୁଷ୍ଠିତ ତାଲିମ କର୍ମଶାଳାରେ ଛତ୍ରପୁର ସୂଚନା ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଜିଲା ସଂସ୍କୃତି ଅଧିକାରୀ ରାଧାକୃଷ୍ଣ ରାମ, ଚାଇଲ୍ଡଲାଇନ ନିର୍ଦ୍ଦେଶକ ସୁଧୀର କୁମାର ସାବତ, ରାଜ୍ୟପାଳ ପୁରସ୍କୃତ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଓଡିଶା ସଂଗୀତ ଏକାଡେମୀ ପୁରସ୍କୃତ ରଙ୍କନିଧି ବେହେରା, ଅତିରିକ୍ତ ବିଡିଓ





କର୍ମଶାଳାରେ ଉପସ୍ଥିତ ଅତିଥି।

ନିରଞ୍ଜନ ବେହେରା, ବ୍ଲକ ଅଧ୍ୟକ୍ଷ ପ୍ରତିନିଧି ଦୁର୍ଯ୍ୟୋଧନ ଗୌଡ଼, ଉପାଧ୍ୟକ୍ଷ ସୁଧାକର ପ୍ରଧାନ, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଏ. ମୀରା କୁମାରୀ, ଜିପିଇଓ ଅଶୋକ କୁମାର ଜେନା, ବେଗୁନିଆପଡା ଡକ୍ଟର ସଞ୍ଜୟ କୁମାର ସାହୁ, କାଳିମେଘି ସରପଞ୍ଚ ଅର୍ଚ୍ଚନା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ୧୫୦ଜଣ କଳାକାରଙ୍କୁ ବିଭିନ୍ନ ତାଲିମ ଦେଇଥିଲେ।

# ମଦ ପାଇଁ ଟଙ୍କା ମାଗି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ବ୍ରହ୍ମପୁର, ୨୧।୯ (ସୁବାସ ଚନ୍ଦ୍ର ପାଢ଼ୀ)

## ଅଭିଯୁକ୍ତ ଗିରଫ, ରକ୍ତଭିଜା ମାର୍ବଲ ଜବତ

ମଦ ପିଇବା ପାଇଁ ଟଙ୍କା ନ ଦେବାରୁ ବୁଧବାର ରାତିରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ପାଣ୍ଡବ ନଗରର ବିଜୟ ବେହେରା। ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ପରେ କୋର୍ଟଙ୍କ ନିର୍ଦ୍ଦେଶରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆକ୍ରମଣ ବେଳେ ବ୍ୟବହୃତ ମାର୍ବଲ ଖଣ୍ଡ ପୋଲିସ ଜବତ କରିଛି। ଘଟଣାରୁ ପ୍ରକାଶ, ଆଇନାବନ୍ଧ ନିକଟସ୍ଥ ଆପାର୍ଟମେଣ୍ଟରେ ରହୁଥିବା ନୀଳମାଧବ ସାହୁ ଓରଫ ଲୁନା ବୁଧବାର କାମ ସାରି ରାତି ପ୍ରାୟ ୧୯ଟାରେ ଘରକୁ ଫେରୁଥିଲେ। ପାଣ୍ଡବ ନଗର ଛକରେ ଅଭିଯୁକ୍ତ ବିଜୟ ତାଙ୍କୁ ଅଟକାଇ ମଦ ପିଇବା ପାଇଁ ଟଙ୍କା ମାଗିଥିଲେ। ନୀଳମାଧବ ମନା କରିବାରୁ ସେ ଉତକ୍ଷିପ୍ତ ହୋଇ ଏକ ମାର୍ବଲ ଖଣ୍ଡରେ ତାଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରି ଚମ୍ପଟ ମାରିଥିଲେ। ଖବରପାଇ ପୋଲିସ ପହଞ୍ଚି ଆହତ ନୀଳମାଧବଙ୍କୁ ଉଦ୍ଧାର କରି ସିଟି ହସ୍ପିଟାଲରେ ଭର୍ତ୍ତି କରିଥିଲା। ତାଙ୍କ ଅଭିଯୋଗକ୍ରମେ ୩୪୬/୨୩ରେ ଏକ ମାମଲା ରୁଜୁ କରିଥିଲା। ତଦନ୍ତ ପରେ ଅଭିଯୁକ୍ତ ବିଜୟଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି।

# ଅନ୍ତର୍ଜାତୀୟ ଶାନ୍ତି ଦିବସ ପାଳିତ





ସେଣ୍ଟ ଜାଭିୟର ହାଇସ୍କୁଲର ଶାନ୍ତିପ୍ରତିଷ୍ଠା ନିମନ୍ତେ ସଚେତନତା ଶୋଭଯାତ୍ରା।

ବ୍ରହ୍ମପୁର,୨୧।୯(ତନୁଶ୍ରୀ ନାହାକ)

ମିନାକ୍ଷୀନଗରସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ ଠାରେ ଗୁରୁବାର ଆନ୍ତର୍ଜାତୀୟ ଶାନ୍ତି ଦିବସ ପାଳିତ ପାଳିତ ହୋଇଯାଇଛି। ଏଥିରେ ସ୍କୁଲ ଅଧ୍ୟକ୍ଷ କାହ୍ନୁ ଚରଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସ୍କାଉଟ ଶିକ୍ଷୟିତ୍ରୀ ରଶ୍ମିତା ଦଳେଇ ଓ ସ୍କାଉଟ ମାଷ୍ଟର ରାଜେଶ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସ୍କୁଲର ସ୍କାଉଟ ଓ ଗାଇଡ଼ ପକ୍ଷରୁ ଏକ ଶାନ୍ତି ପ୍ରତିଷ୍ଠା ନିମନ୍ତେ ସଚେତନ ଶୋଭଯାତ୍ରା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କାଉଟ ଓ ଗାଇଡ଼ ମାନଙ୍କ ଦ୍ୱାରା ମିନାକ୍ଷୀ ନଗର ହାଇସ୍କୁଲର ବାହାରି ଏହି ଶାନ୍ତି ସଚେତନ ଶୋଭାଯାତ୍ରା ସ୍ଥାନୀୟ କଲୋନୀ ଠାରୁ ଆମ୍ପି ମାର୍କେଟ ପର୍ଯ୍ୟନ୍ତ ଯାଇଥିଲା। ପରବର୍ତ୍ତୀ ସମୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍କୁଲର ଶିକ୍ଷୟତ୍ରୀ ଓ ଶିକ୍ଷକ ମାନେ ସହଯୋଗ କରିଥିଲେ।

# ଏଲ୍‌ଏସ୍‌ଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଅନ୍ୟମାନଙ୍କ ପାଳି କେବେ

ଫୁଲବାଣୀ, ୨୧।୯(ରାକେଶ କୁମାର ରାଉତ)

## ବାଲିଗୁଡା ବ୍ଲକ ମହାଦୁର୍ନୀତି

ବାଲିଗୁଡା ବ୍ଲକରେ ହୋଇଥିବା ମହାଦୁର୍ନୀତି ମାମଲାରେ ସରକାର ପୂର୍ବତନ ଏଲ୍‌ଏସ୍‌ଇଓ/ବିଏସ୍‌ଏସ୍‌ଓ (ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ)ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ପୂର୍ବତନ ଏଲ୍‌ଏସ୍‌ଇଓ ଅମୃତା ମିଶ୍ରଙ୍କୁ ଚାକିରିରୁ ବହିଷ୍କାର କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ଦୁର୍ନୀତିରେ ସାମିଲ ଥିବା ଅନ୍ୟମାନଙ୍କ ଉପରେ ଆଜିପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ କି ସେମାନଙ୍କୁ ଦିଆଯାଇଥିବା ନିର୍ଦ୍ଦେଶ ମୁତାବକ ଅର୍ଥ ଭରଣା କରାଯାଇନାହିଁ, ଯାହାକୁ ନେଇ ଏବେ ଅସନ୍ତୋଷ ସୃଷ୍ଟି ହୋଇଛି।

ବାଲିଗୁଡ଼ା ବ୍ଲକ୍‌ରେ ଲୋକାଲ୍ ଫଣ୍ଡ ଅଡିଟ୍ ଚିଠି ନଂ.୨୮୬/୨୭.୨.୨୧୭ରେ ଓ.ଏ.ପି(ବାର୍ଦ୍ଧକ୍ୟ ଭତ୍ତା), ଏନ୍‌ଏଫ୍‌ବିଏ(ଜାତୀୟ ପରିବାର ସହାୟତା ଯୋଜନା) ଯୋଜନାରେ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରୁ ଊର୍ଦ୍ଧ୍ୱ ହଡ଼ପ ନେଇ ବାଲିଗୁଡ଼ା ଥାନାରେ କିଛି ଅଧିକାରୀ ଓ କର୍ମଚାରୀଙ୍କ ନାମରେ ମାମଲା ହୋଇଛି। କିନ୍ତୁ ଦୀର୍ଘ ୬ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଇନାହିଁ। ଏଲ୍‌ଏସ୍‌ଇଓ ଅମୃତା ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆହୋଇଛି। ହେଲେ ଘଟଣାରେ ସାମିଲ ଥିବା ବିଡ଼ିଓ, କ୍ୟାସିୟର ଓ ହେଡ଼କ୍ଲର୍କଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ।

ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ପାଇଁ ଆସୁଥିବା କୋଟି କୋଟି ଟଙ୍କାକୁ କିପରି ବାଲିଗୁଡ଼ା ବ୍ଲକର ପୂର୍ବତନ ଏଲ୍‌ଏସ୍‌ଇଓ ଅମୃତା ମିଶ୍ର, ପୂର୍ବତନ କୋଷାଧ୍ୟକ୍ଷ ସତ୍ୟନାରାୟଣ ସାହୁ, ବରିଷ୍ଠ କିରାଣୀ/ଆକାଉଣ୍ଟାଣ୍ଟ ପ୍ରକାଶ ଚନ୍ଦ୍ର ସାହୁ ଏବଂ ପୂର୍ବତନ ବିଡିଓ ଶୁଭେନ୍ଦ୍ର କୁମାର ସାମଲ, ପୂର୍ବତନ ଆକାଉଣ୍ଟାଣ୍ଟ ଜୟଦେବ କହଁର ୨୦୧୫-୧୬ ଆର୍ଥିକ ବର୍ଷରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରିଥିବା ସ୍ୱତନ୍ତ୍ର ଅଡ଼ିଟ ରିପୋର୍ଟରେ ପ୍ରକାଶ ପାଇଥିଲା। ପୂର୍ବତନ ଏଲଏସଇଓ ଅମୃତା ମିଶ୍ରଙ୍କ ନାମରେ ୧୯ଲକ୍ଷ ୭୨ହଜାର ୫୫୩, ବାଲିଗୁଡ଼ା ପୂର୍ବତନ କ୍ୟାସିୟର ସତ୍ୟନାରାୟଣ ସାହୁଙ୍କ ନାମରେ ୧୭ଲକ୍ଷ ୮୪ହଜାର୧୫୪, ଆକାଉଣ୍ଟାଣ୍ଟ ପ୍ରକାଶ ଚନ୍ଦ୍ର ସାହୁଙ୍କ ନାମରେ ୧୧ ଲକ୍ଷ ୩୦ହଜାର, ପୂର୍ବତନ ବିଡ଼ିଓ ଶୁଭେନ୍ଦୁ କୁମାର ସାମଲଙ୍କ ନାମରେ ୧୭ ଲକ୍ଷ ୧୪ହଜାର ୧୫୫ଟଙ୍କା ଓ ବାଲିଗୁଡ଼ା ପୂର୍ବତନ ହେଡ଼ କ୍ଲର୍କ ଜୟଦେବ କହଁରଙ୍କ ନାମରେ ୭ଲକ୍ଷ ୧୪ହଜାର ୧୫୪ଟଙ୍କା ହଡ଼ପ କରିଥିବା ରିପୋର୍ଟରେ ଦର୍ଶାଯାଇଥିଲା। ସେହିପରି ୪ ଜଣ ପୂର୍ବତନ ବିଡ଼ିଓଙ୍କ ନାମରେ ଟଙ୍କା ହଡ଼ପ ଅଭିଯୋଗ ହୋଇଥିଲା। ତେବେ ପୂର୍ବତନ ବିଡ଼ିଓ ପ୍ରମୋଦ କୁମାର ପୁଷ୍ଟି, ରବି ନାରାୟଣ ସାହୁ ଓ ସରୋଜ କୁମାର ମିଶ୍ର ଟଙ୍କା ଫେରାଇ ଦେଇଛନ୍ତି।

ସୂଚନାଯୋଗ୍ୟ, ବାଲିଗୁଡା ବ୍ଲକରେ ଏନ୍‌ଏଫବିଏସ୍(ଜାତୀୟ ପରିବାର ସହାୟତା ଯୋଜନା)ରେ ପାଖାପାଖି କୋଟିଏ ଟଙ୍କାର ଦୁର୍ନୀତି ହୋଇଥିବା ନେଇ ଲୋକାଲ ଅଡିଟରେ ଜଣାପଡିଥିଲା। ପୂର୍ବତନ ଜିଲାପାଳ ରଘୁ.ଜି ଏହାର ଏକ ସ୍ୱତନ୍ତ୍ର ଅଡିଟ ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ପରିବାର କଲ୍ୟାଣ ଯୋଜନାରେ ଆସିଥିବା ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିଭିନ୍ନ ଲୋକଙ୍କ ନାମରେ ୨୦ରୁ ୨୨ ଥର ଲେଖାଏଁ ଡିପୋଜିଟ କରାଯାଇ ଟଙ୍କା ହଡପ କରା ଯାଇଥିବା ଲୋକାଲ ଅଡିଟ ଫଣ୍ଡ ରିପୋର୍ଟରେ ପ୍ରକାଶ ପାଇଥିଲା। ସ୍ୱତନ୍ତ୍ର ଅଡିଟରେ ଦେଢ଼ କୋଟି ପାଖାପାଖି ଅର୍ଥ ହଡପ ହୋଇଥିବା ଜଣାପଡିବା ପରେ ପୂର୍ବତନ ଜିଲାପାଳ ଡା.ବୃନ୍ଦା ଡି ଅଭିଯୁକ୍ତମାନଙ୍କ ବିରୋଧରେ ଏତଲା ଦେବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

